## ଓଡିଶାସରକାର

## ଅନୁସୂଚିତଜନଜାତିଓଅନୁସୂଚିତଜାତିଉନ୍ନୟନଏବଂସଂଖ୍ୟାଲଘୁସମ୍ପ୍ରଦାୟଓପଛୁଆବର୍ଗକଲ୍ୟାଣବିଭାଗ

# ***PRERANA***

ଏତଦଦ୍ୱାରା ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀମାନଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ୨୦୧୮-୧୯ବର୍ଷ ନିମନ୍ତେ ମାଟ୍ରିକପର ଉଚ୍ଚଶିକ୍ଷା ନିମନ୍ତେ ନାମଲେଖାଇ ଥିବା ଛାତ୍ରଛାତ୍ରୀମାନେ (i) ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇଁ ଏବଂ (ii) ଆର୍ଥିକ ସହାୟତା ଯୋଜନାରେଜାତୀୟ ସ୍ତରର ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ କରୁଥିବା କେବଳ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀମାନେ online ଦରଖାସ୍ତ ପଞ୍ଜୀକରଣ କରିବା/ ପୂର୍ବ ବର୍ଷର ଛାତ୍ରଛାତ୍ରୀମାନଙ୍କର ନବୀକରଣ ଇତ୍ୟାଦି ନିମ୍ନରେ ପ୍ରଦତ୍ତ ତାରିଖ ଅନୁଯାୟୀ ପ୍ରେରଣା ଇ-ସ୍କଲାରଶିପ ପୋର୍ଟାଲ ମାଧ୍ୟମରେ ସଂପୂର୍ଣ୍ଣ କରାଯିବ ।

<u>(i)ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ପାଇବା ପାଇଁ ଯୋଗ୍ୟତା</u>

କ) ସମସ୍ତ ଯୋଗ୍ୟ ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି / ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗ/ ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀମାନେଓଡିଶାର ସ୍ଥାୟୀ ଅଧିବାସୀ ହୋଇଥିବେ।

ଖ ) ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦ /- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।

ଗ) ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁପରିବାରର ବାର୍ଷିକ ଆୟ ଟ.୧,୦୦,୦୦୦/- (ଏକ ଲକ୍ଷ) ରୁ ଅଧିକ ହୋଇନଥିବ ଏବଂ ପୂର୍ବ ପରୀକ୍ଷାରେ ଅତି କମରେ ୫୦% ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବେ ।

(ଘ) ସେ ସରକାରୀ/ ସରକାରୀ ସ୍ୱୀକୃତି ପ୍ରାପ୍ତ ଶିକ୍ଷାନୁଷ୍ଠାନରେ General/Technical/Professional ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅଧ୍ୟୟନ କରୁଥିବେ ।

ଙ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ସମସ୍ତ ସୂତ୍ରରୁ ପରିବାରର ବାର୍ଷିକ ଆୟ ଟ.୧,୦୦,୦୦୦/- (ଏକ ଲକ୍ଷ) ରୁ ଅଧିକ ହୋଇନଥିବ ଓ ସେ କେବଳ ସରକାରୀ ଅନୁଷ୍ଠାନରେ ଉଚ୍ଚଶିକ୍ଷା ପାଇଁ ଅଧ୍ୟୟନ କରୁଥିଲେ ମାଟ୍ରିକପର ଛାତ୍ରବୃତ୍ତି ପାଇଁ ଯୋଗ୍ୟ ବିବେଚିତ ହେବେ।

ଚ) ଆର୍ଥିକ କ୍ଷେତ୍ରରେ ଅନଗ୍ରସର ବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଦିଷ୍ଟ ମାଟ୍ରିକପର ଛାତ୍ରବୃତ୍ତି (ଅନୁସୂଚିତ ଜନଜାତି/ ଅନୁସୂଚିତ ଜାତି/ ଅନ୍ୟାନ୍ୟ ପଛୁଆ ବର୍ଗ /ସାମାଜିକ ଓ ଶିକ୍ଷା କ୍ଷେତ୍ରରେ ଅନଗ୍ରସର ବର୍ଗଛାତ୍ରଛାତ୍ରୀଙ୍କୁ ବାଦ୍ ଦେଇ) କେବଳ ସାଧାରଣ ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ।

<u>(ii)ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନରତ ଅନୁସୂଚିତ ଜନଜାତିବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଆର୍ଥିକ ସହାୟତା ଯୋଜନାରେ ସହାୟତା ପାଇବା ପାଇଁ ଯୋଗ୍ୟତା</u>

କ) ସେ କେବଳ ଜନଜାତି ବର୍ଗର ଛାତ୍ରଛାତ୍ରୀ ହୋଇଥିବେ ।

ଖ ) ସମସ୍ତ ସୂତ୍ରରୁତାଙ୍କ ପରିବାରର ବାର୍ଷିକ ଆୟ ଟ ୨,୫୦,୦୦୦/- (ଦୁଇ ଲକ୍ଷ ପଚାଶ ହଜାର ) ରୁ ଅଧିକ ହୋଇନଥିବ ।

ଗ) ସେ ଓଡିଶାର ଅଧିବାସୀ ହୋଇଥିବେ ।

ଘ) ଆର୍ଥିକ ସହାୟତା ଯୋଜନାରେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ସହାୟତା ରାଶି ପ୍ରଥମେ ମାଟ୍ରିକ ପର ଛାତ୍ରବୃତ୍ତି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଛାତ୍ରବୃତ୍ତି ଆକାରରେ ପ୍ରଦାନ କରାଯିବ । ଯେଉଁ ପରିମାଣର ଅଧିକ ରାଶି ମାଟ୍ରିକ ପର ଛାତ୍ରବୃତ୍ତି ଯୋଜନାରେ ପ୍ରଦାନ କରାଯାଇ ପାରିବ ନାହିଁ ତାହା ଆର୍ଥିକ ସହାୟତା ଯୋଜନାରେ ପ୍ରଦାନ କରାଯିବ ।

ପ୍ରେରଣାରେ ଅନଲାଇନ ଦରଖାସ୍ତ ପୂରଣ କରିବାର ସବିଶେଷ ବିବରଣୀ/ ନିର୍ଦ୍ଦେଶନାମା website: ***<u>mpsc.mp.nic.in/scholarships</u>*** ରେ ଛାତ୍ର ଏବଂ ଅନୁଷ୍ଠାନଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି ।

| | | ନୂତନଦରଖାସ୍ତ ପଞ୍ଜୀକରଣ ଓ ନବୀକରଣର ସମୟ ସାରଣୀ | |
|---|---|---|---|
| କ୍ର. ନଂ | କାର୍ଯ୍ୟ କ୍ରମ | ତାରିଖ | |
| | | ନୂତନ ଦରଖାସ୍ତ ପଞ୍ଜୀକରଣ ନିମନ୍ତେ | ଦରଖାସ୍ତ ନବୀକରଣ ନିମନ୍ତେ |
| ୧ | ନୂତନ ଦରଖାସ୍ତ ପଞ୍ଜୀକରଣ ଓ ନବୀକରଣ ନିମନ୍ତେ ପ୍ରେରଣା ପୋର୍ଟାଲର ଖୋଲିବା ତାରିଖ | ୦୧.୦୮.୨୦୧୮ | ୧୧.୦୭.୨୦୧୮ |
| ୨ | ପ୍ରେରଣା ପୋର୍ଟାଲରେ ନୂତନ ଦରଖାସ୍ତ ପଞ୍ଜୀକରଣ ଓ ନବୀକରଣ କରିବାର ଶେଷ ତାରିଖ | ୧୫.୧୦.୨୦୧୮ | ୧୫.୧୦.୨୦୧୮ |
| ୩ | ଛାତ୍ରଛାତ୍ରୀମାନଙ୍କ ଦ୍ୱାରାonline ପଞ୍ଜୀକୃତ ଦରଖାସ୍ତର ନକଲ ସ୍ୱାକ୍ଷର କଲା ପରେ ଅନୁଷ୍ଠାନରେ ଦାଖଲ କରିବାର ଶେଷ ତାରିଖ | ୩୧.୧୦.୨୦୧୮ | ୩୧.୧୦.୨୦୧୮ |
| ୪ | ଅନୁଷ୍ଠାନଦ୍ୱାରାonline ଦରଖାସ୍ତଗୁଡିକ ଯାଞ୍ଚ ଏବଂ ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଙ୍କୁ ପ୍ରେରଣ କରିବାର ଶେଷ ତାରିଖ | ୧୨.୧୧.୨୦୧୮ | ୧୨.୧୧.୨୦୧୮ |
| ୫ | ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କ ଦ୍ୱାରା ଦରଖାସ୍ତଗୁଡିକର online ମଞ୍ଜୁରୀ କରିବାର ଶେଷ ତାରିଖ | ୩୦.୧୧.୨୦୧୮ | ୩୦.୧୧.୨୦୧୮ |
| ୬ | ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନରେଦରଖାସ୍ତପ୍ରଦାନ କରିବାର ଶେଷ ତାରିଖ (ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ ପ୍ରେରଣା website ରୁ common scholarshipapplicationform ପ୍ରେରଣା ପୋର୍ଟାଲ ହୋମ୍ ପେଜ୍ ରେ ଥିବା downloadoption ରୁ ପାଇପାରିବେ।) | ୧୫.୧୦.୨୦୧୮ | ୧୫.୧୦.୨୦୧୮ |
| ୭ | ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଦରଖାସ୍ତଗୁଡିକ ଶିକ୍ଷାନୁଷ୍ଠାନମାନଙ୍କ ଦ୍ୱାରା ଯାଞ୍ଚ ତଥା ସୁପାରିଶ ପରେଦରଖାସ୍ତଗୁଡିକ ଛାତ୍ରଛାତ୍ରୀମାନଙ୍କର ସମ୍ପୃକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କୁ ପଠାଇବାର ଶେଷ ତାରିଖ | ୩୦.୧୦.୨୦୧୮ | ୩୦.୧୦.୨୦୧୮ |
| ୮ | ଜିଲ୍ଲାମଙ୍ଗଳ ଅଧିକାରୀମାନେ ରାଜ୍ୟ ବାହାରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କର ଦରଖାସ୍ତଗୁଡିକ ପ୍ରେରଣା ପୋର୍ଟାଲ ରେ ପଞ୍ଜୀକରଣ ଓ ମଞ୍ଜୁରୀ ପ୍ରଦାନ କରବା ଶେଷ ତାରିଖ | ୩୦.୧୧.୨୦୧୮ | ୩୦.୧୧.୨୦୧୮ |

**<u>ବିଶେଷଦ୍ରଷ୍ଟବ୍ୟ</u>**:-ଆବେଦନକାରୀ ମାନେ ନିଜ ନିଜର ବ୍ୟାଙ୍କ ସମ୍ବଧୀୟ ତଥ୍ୟ ଯଥା ଆକାଉଣ୍ଟ ନମ୍ବର,IFSCCode, ଶାଖା ନାମ ଇତ୍ୟାଦି ପ୍ରେରଣା ପୋର୍ଟାଲର ନିର୍ଧାରିତ box ରେ ପ୍ରଦାନ କଲାବେଳେ ଯତ୍ନବାନ ହେବେ । ବ୍ୟାଙ୍କ ତଥ୍ୟ ପ୍ରଦାନବେଳେ କୌଣସି ତ୍ରୁଟି ବିଚ୍ୟୁତି ପାଇଁ ଏହି ବିଭାଗ ଦାୟୀ ରହିବେ ନାହିଁ । ବ୍ୟାଙ୍କ ସମ୍ବଧୀୟ ଭୁଲ ତଥ୍ୟ ପ୍ରଦାନ ଦ୍ୱାରା ଯଦି ସରକାରୀ ଅର୍ଥ ଅନ୍ୟ ନାମରେ ଥିବା ବ୍ୟାଙ୍କ ଖାତାକୁ ପ୍ରଦାନ କରାଗଲା ତେବେ ସେଥିପାଇଁ ସେ ଉତ୍ତର ଦାୟୀ ରହିବେ ।

** ଛାତ୍ରଛାତ୍ରୀମାନଙ୍କୁଓ ଅନୁଷ୍ଠାନମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ଅଛିକି ସେମାନେ ଶେଷଦିନକୁ ଅପେକ୍ଷା ନକରି ଦରଖାସ୍ତ ଗୁଡିକୁ ଆବେଦନର ୭ ଦିନ ମଧ୍ୟରେ ଯଥାକ୍ରମେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ଓ ଜିଲ୍ଲା ମଙ୍ଗଳ ଅଧିକାରୀମାନଙ୍କୁ ପ୍ରଦାନ କରିବେ ।

** ପ୍ରଥମେ ମିଳିଥିବା ଦରଖାସ୍ତଗୁଡିକୁ ଶିକ୍ଷାନୁଷ୍ଠାନୱାରୀ ପ୍ରାଥମିକତା ଭିତିରେ ଛାତ୍ରବୃତ୍ତି ପ୍ରଦାନ କରାଯିବ ।

**ଯେହେତୁ ଭାରତ ସରକାର ଆଧାର ନମ୍ବର ସଂଯୋଗୀକରଣକୁ ଛାତ୍ର ବୃତ୍ତି ପ୍ରଦାନ ନିମନ୍ତେ ପ୍ରାଧାନ୍ୟ ଦେଉଛନ୍ତି, ହୁଏତ କେବଳ ଆଧାରଯୁକ୍ତ ଦରଖାସ୍ତଗୁଡିକ ଛାତ୍ରବୃତ୍ତି ପ୍ରଦାନ ନିମନ୍ତେ ବିଚାର କରିବାପାଇଁ ନିର୍ଦ୍ଦେଶ ପ୍ରଦାନ କରିପାରନ୍ତି। ତେଣୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଆଧାର ନମ୍ବର ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଉଛି, ଯେଉଁମାନଙ୍କର ଆଧାର ନମ୍ବର ନାହିଁ, ସେମାନେ ଯଥାଶୀଘ୍ର ଆଧାର ପାଇଁ ପଞ୍ଜୀକରଣ କରି ନମ୍ବର ପ୍ରଦାନ କରିବେ।

**ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କି ସେମାନେ ପ୍ରେରଣା HomePage ରେ **"Bank Accounts relatedadvisory"**ଏବଂ **Important Instructions**ସୂଚନାକୁ ଭଲଭାବେ ପଢି ଦରଖାସ୍ତ ପଞ୍ଜିକରଣ କରିବେ। କାରଣ Final Locking ପରେPRERANAPortalରେ ବ୍ୟାଙ୍କ ଖାତା ଏବଂ ଅନ୍ୟ ସମ୍ବନ୍ଧୀୟ କୌଣସି ସଂଶୋଧନ ଛାତ୍ରଛାତ୍ରୀମାନେ କରିପାରିବେ ନାହିଁ ।କେବଳ ଛାତ୍ରଛାତ୍ରୀଙ୍କ ଅନୁରୋଧ କ୍ରମେ ଜନ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ସମସ୍ତ ଆବଶ୍ୟକୀୟ କାଗଜାତ୍ ଯାଞ୍ଚ ହେଲା ପରେ ସେ ନିଜେ ହିଁ ସଂଶୋଧନ କରିପାରିବେ ।

**ଯେଉଁ ଛାତ୍ରଛାତ୍ରୀମାନେ ପୂର୍ବ ବର୍ଷ ପଞ୍ଜୀକରଣ କରିବାକୁ ଅସମର୍ଥ ଥିଲେ, ସେମାନେ ଏଇ ବର୍ଷ ଚଳିତ ବର୍ଷ ପାଇଁ ନୂତନ ରୂପେ ପଞ୍ଜୀକରଣ କରିପାରିବେ।

**ନବୀକରଣ /ନୂତନ ଦରଖାସ୍ତ ପଞ୍ଜୀକରଣ କରିବା ସମୟରେ ଛାତ୍ରଛାତ୍ରୀମାନେ ସେମାନଙ୍କର ମାଟ୍ରିକ ସାର୍ଟିଫିକେଟ ରୋଲ ନମ୍ବର, ପାସ କରିବା ବର୍ଷ ଏବଂ ବୋର୍ଡର ସଠିକ ବିବରଣୀ ପ୍ରଥମରୁ ପ୍ରସ୍ତୁତ କରି ରଖିବେ ।

** PRERANAPortalରେ upload କରାଯାଇଥିବା ବାର୍ଷିକ ଆୟ ପ୍ରମାଣପତ୍ରରେ ଦର୍ଶା ଯାଇଥିବା ସଠିକ ଆୟର ପରିମାଣ ଆବେଦନ କରିବା ସମୟରେ ପ୍ରଦାନ କରିବାକୁ ହେବ । ଯଦି ଶିକ୍ଷାନୁଷ୍ଠାନ କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରିବା ସମୟରେ ଯଦି ଏହି ଆୟର ପରିମାଣ upload କରାଯାଇଥିବା ଆୟ ପ୍ରମାଣପତ୍ର ସହ ତାଳମେଳ ନ ରହେ ତେବେ ଛାତ୍ର/ଛାତ୍ରୀମାନେ ଛାତ୍ରବୃତ୍ତି ପାଇବାରୁ ବଞ୍ଚିତ ହେବେ ।

** ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ PRERANAUserID ଓ Passwordକୁ ଗୁପ୍ତ ରଖିବେ । ଅନ୍ୟ କାହାରିକୁ ଏହି ଗୁପ୍ତ ତଥ୍ୟ ପ୍ରଘଟ ଦ୍ୱାରା ଯଦି ଛାତ୍ରବୃତ୍ତି ଟଙ୍କା ଅନ୍ୟ କାହାରିକୁ ପ୍ରଦାନ କରାଯାଏ କିମ୍ବା ଛାତ୍ର/ ଛାତ୍ରୀମାନେ ଛାତ୍ରବୃତ୍ତି ପାଇବାରେ ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଏଥିପାଇଁ ସେମାନେ ସଂପୂର୍ଣ୍ଣ ଦାୟୀ ରହିବେ ।

** ଛାତ୍ରଛାତ୍ରୀମାନେ online ନୂତନ ଦରଖାସ୍ତ ପଞ୍ଜୀକରଣସମୟରେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ସେମାନେ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲା ମଙ୍ଗଳ ଅଧିକାରୀ କିମ୍ବା e-MailID– **prerana.grievance@gmail.com**ରେ ଯୋଗାଯୋଗ କରିପାରିବେ।

**ନିର୍ଦ୍ଦେଶକ, ଅନୁସୂଚିତ ଜାତି କଲ୍ୟାଣ**